**BALABHADRA SKILL DEVELOPMENT ACADEMY**
**SPOKEN ENGLISH PRACTICE LESSON – 29**
**ଭାରତ ଉପରେ ମତ**

ପ୍ରାଚୀନ ଭାରତର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଏବଂ ବୈଜ୍ଞାନିକ ଐତିହ୍ୟ ଉଚକୋଟିର ଥିଲା | ଭାରତୀୟ ଜ୍ଞାନ ଭଣ୍ଡାରରେ ସପ୍ତର୍ଶୀ (କାସ୍ୟାପା, ଜମଦଗ୍ନି, ଗୌତମ, ଭରଦ୍ଵାଜ, ବିଶ୍ଵାମିତ୍ର, ବଶିଷ୍ଠ ଏବଂ ଅତ୍ରି), ମହର୍ଷି ଭ୍ରିଗୁ, ମହର୍ଷି ଶକ୍ତି, ମହର୍ଷି ପରାଶର ଇତ୍ୟାଦି ଋଷିମାନକଂର ଅବଦାନ ଅତୁଳନିୟ | ଜ୍ଞାନ ଭଣ୍ଡାର ପାଣୀନି, ଚାଣକ୍ୟ, ଶୁଶ୍ରୁତ, ଚରକ, ନାଗାର୍ଜୁନ, ପତଞ୍ଜଳି, ଭାସ୍କରଚାର୍ଯ୍ୟ, ଆର୍ଯ୍ୟଭଟ, ବରାହମିହର ଇତ୍ୟାଦି ଦ୍ଵାରା ଆହୁରି ବିକଶିତ ହୋଇଥିଲା | ପାଶ୍ଚାତ୍ୟ ବୈଜ୍ଞାନିକ, ଦାର୍ଶନିକ ଏବଂ ଇତିହାସକାର ମାନେ ବିଭିନ୍ନ କ୍ଷେତ୍ରରେ ଭାରତର ଅବଦାନକୁ ପ୍ରଶଂସା କରିଛନ୍ତି।

1. **ଗଣନା** - "ଭାରତୀୟମାନଙ୍କ ପାଖରେ ଆମେ ବହୁତ ଋଣି । ସେମାନେ ଆମକୁ ଗଣନା ବିଦ୍ୟା ଶିଖାଇଥିଲେ, ଯାହା ବିନା କୌଣସି ବୈଜ୍ଞାନିକ ଆବିଷ୍କାର ସମ୍ଭବ ହୋଇପାରି ନଥାନ୍ତା ।"

- ଆଲବର୍ଟ ଆଇନଷ୍ଟାଇନ, ନୋବେଲ ବିଜେତା ଏବଂ ପଦାର୍ଥ ବିଜ୍ଞାନୀ

2. **ମା ଭାରତୀ**

"ଭାରତ ଆମର ସଭ୍ୟତାର ଉତ୍ପତ୍ତି ସ୍ଥଳି ଏବଂ ସଂସ୍କୃତ ୟୁରୋପୀୟ ଭାଷାର ଜନନୀ । ଭାରତ ଆମର ଦର୍ଶନର ଉତ୍ସ; ଆରବମାନଙ୍କ ମାଧ୍ୟମରେ, ଆମର ଗଣିତର ଜନନୀ; ବୁଦ୍ଧଙ୍କ ମାଧ୍ୟମରେ, ଖ୍ରୀଷ୍ଟ ଧର୍ମର ମୂଳଭିତ୍ତି; ଗ୍ରାମୀଣ ସମ୍ପ୍ରଦାୟ ମାଧ୍ୟମରେ, ଆମର ସ୍ୱୟଂ ଶାସନ ଏବଂ ଗଣତନ୍ତ୍ରର ଅବଧାରଣା | ମା ଭାରତୀ ଅନେକ ପ୍ରଥା, ପରମ୍ପରା ତଥା ଜ୍ଞାନ କ୍ଷେତ୍ରରେ ଆମ ସମସ୍ତଙ୍କର ଜନନୀ ।"

- ୱିଲ୍ ଡୁରାଣ୍ଟ, ଆମେରିକୀୟ ଇତିହାସକାର |

"ଭାରତ ହେଉଛି ମାନବ ସଭ୍ୟତାର ମୂଳଦୁଆ, ମାନବ ଭାଷାର ଜନ୍ମ ସ୍ଥାନ, ଇତିହାସର ଜନନୀ, କିମ୍ବଦନ୍ତୀର ପିତାମହୀ ଏବଂ ପରମ୍ପରାର ପ୍ରପିତାମହୀ । ମାନବ ଇତିହାସର ମୂଲ୍ୟବାନ ଏବଂ ଗଠନମୂକ ତଥ୍ୟ କେବଳ ଭାରତରେ ହିଁ ଉପଲବ୍ଧ ।"

- ମାର୍କ ଟ୍ୱେନ୍, ଆମେରିକୀୟ ଲେଖକ |

"ଯଦି ପୃଥିବୀରେ ଗୋଟିଏ ସ୍ଥାନ ଅଛି ଯେଉଁଠି ପ୍ରାଚୀନ କାଳରୁ, ଯେତେବେଳେ ମାନବ ସଭ୍ୟତାର ଅସ୍ତିତ୍ୱ ଆରମ୍ଭ ହୋଇଥିଲା, ମାନବର ସମସ୍ତ ସ୍ୱପ୍ନ ପୁଷ୍ପିତ ହୋଇଛି, ତାହା ହେଉଛି ଭାରତ।"

- ରୋମେନ ରୋଲାଣ୍ଡ, ନୋବେଲ ବିଜେତା ଏବଂ ଫାରଶୀ ଦାର୍ଶନିକ |

3. **ବୈଜ୍ଞାନିକ ଆବିଷ୍କାର** -

ବିଜ୍ଞାନରେ ଅନେକ ଅଗ୍ରଗତି ଯାହା ଆଜି ଆମେ ୟୁରୋପରେ କରାଯାଇଛି ବୋଲି ବିବେଚନା କରୁଛୁ ତାହା ବାସ୍ତବରେ ଶତାବ୍ଦୀ ପୂର୍ବରୁ ଭାରତରେ ଆବିଷ୍କୃତ ହୋଇଥିଲା ।

- ଜେମ୍ସ ଗ୍ରାଣ୍ଟ ଡଫ୍, ସ୍କଟିସ୍ ସୈନିକ ଏବଂ ଇତିହାସକାର

"ମୁଁ ନିଶ୍ଚିତ ଯେ ଜ୍ୟୋତିର୍ବିଜ୍ଞାନ, ଜ୍ୟୋତିଷ ଶାସ୍ତ୍ର, ପୁନର୍ଜନ୍ମ, ଇତ୍ୟାଦି ତଥ୍ୟ ଗଙ୍ଗା କୂଳରେ ବିକଶିତ ହୋଇ ଆମ ପାଖକୁ ଆସିଛି । ଏ ସବୁ ଆମର ଆବିଷ୍କାର ନୁହେଁ | ଯେତେବେଳେ ଏହି ଭାରତୀୟ ଏବଂ ଚାଇନାର ଲୋକମାନେ ସଭ୍ୟ ତଥା ଶିକ୍ଷିତ ଥିଲେ, ସେତେବେଳେ ଆମେମାନେ ଅସଭ୍ୟ ଏବଂ ବର୍ବର ଥିଲେ ।"

- ଭୋଲଟାୟାର, ଫାରଶୀ ଲେଖକ ଏବଂ ସଂସ୍କାରକ

4. **ଅସ୍ତ୍ରୋପଚାର ବିଦ୍ୟା** - ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତୀୟ ଅସ୍ତ୍ରୋପଚାର ବିଧି ୟୁରୋପୀୟମାନଙ୍କ ତୁଳନାରେ ଉନ୍ନତ ଥିଲା, ଯେତେବେଳେ ଇଷ୍ଟ ଇଣ୍ଡିଆ କମ୍ପାନୀର ସର୍ଜନମାନେ ଭାରତୀୟମାନଙ୍କ ଠାରୁ ରାଇନୋପ୍ଲାଷ୍ଟି (ନାକରେ ଅସ୍ତ୍ରୋପଚାର୍) କଳା ଶିଖିବାକୁ ଲଜ୍ଜା ବୋଧ କରି ନ ଥିଲେ ।"

– ଅ. ଲ. ବାଶମ, ବ୍ରିଟିଶ ଇତିହାସକାର

5. **ସ୍ଥାୟୀ ମାନବ ସଭ୍ୟତା** - "ଏହା ସ୍ପଷ୍ଟ ହୋଇସାରିଛି ଯେ ମାନବ ସଭ୍ୟତାର ଯେଉଁ ଅଧ୍ୟାୟ ପାଶ୍ଚାତ୍ୟ ପ୍ରଣାଳୀରେ ଆରମ୍ଭ ହୋଇଛି, ତାହା ଭାରତୀୟ ଜୀବନ ଶୈଳୀ ଅନୁଶାରେ ବିକଶିତ ଏବଂ ସମାପ୍ତ ହେବା ଅନିବାର୍ଯ୍ୟ । ଅନ୍ୟଥା, ଏହା ମାନବ ସଭ୍ୟତାର ଆତ୍ମ-ବିନାଶର କାରଣ ହେବ । ଇତିହାସର ଏହି ଅତ୍ୟନ୍ତ ବିପଜ୍ଜନକ ମୁହୂର୍ତ୍ତରେ ମାନବଜାତି ପାଇଁ ପରିତ୍ରାଣର ଏକମାତ୍ର ଉପାୟ ହେଉଛି ଭାରତୀୟ ଜୀବନଶୈଳୀ।"

- ଡକ୍ଟର ଆର୍ନୋଲ୍ଡ ଜେ ଟଏନବି, ବ୍ରିଟିଶ ଐତିହାସିକ

6. **ନୈତିକତା ଏବଂ ତର୍କ** - "ମାନବ ମନର ଯେ କୌଣସି କ୍ଷେତ୍ରର ବିଶେଷ ଅଧ୍ୟୟନ ପାଇଁ - ଭାଷା, ଧର୍ମ, ପୁରାଣ, ଦର୍ଶନ, ଆଇନ, ପରମ୍ପରା, ଆଦିମ କଳା କିମ୍ବା ଆଦିମ ବିଜ୍ଞାନ, ତୁମେ, ଏହାକୁ ପସନ୍ଦ କର ବା ନ କର, ସର୍ବଦା ଭାରତୀୟ ଜ୍ଞାନ ପ୍ରଣାଳୀକୁ ଅନୁଶରଣ କରିବାକୁ ହେବ | କାରଣ ମାନବ ଇତିହାସର ଅନେକ ମୂଲ୍ୟବାନ ଏବଂ ଶିକ୍ଷଣୀୟ ତଥ୍ୟ ଭାରତରେ ଏବଂ କେବଳ ଭାରତରେ ହିଁ ଉପଲବ୍ଧ |"

- ମ୍ୟାକ୍ସ ମୁଲେର, ଜର୍ମାନ ଫିଲୋଲୋଜିଷ୍ଟ ଏବଂ ଓରିଏଣ୍ଟାଲିଷ୍ଟ |

7. **ଭାରତୀୟ ଶାସ୍ତ୍ରୀୟ କଳା** - ଭାରତୀୟ ପ୍ରାଚୀନ ଶାସ୍ତ୍ରୀୟ କଳା ହେଉଛି ନିଜକୁ ବ୍ରହ୍ମାଣ୍ଡର ଏକ ସମନ୍ୱିତ ଅଂଶ ହେବାର ତଥା ଏହାର ସମସ୍ତ ବର୍ଗ ଏବଂ ଉପାଦାନରେ ଅଂଶଗ୍ରହଣ କରିବାର ଗଭୀର ଅନୁଭବ, ଅସଂଖ୍ୟ ଶତାବ୍ଦୀ ଧରି ଧ୍ୟାନ ଉପାସନାରେ ଅନେକ ପିଢି ଦ୍ୱାରା ପ୍ରାପ୍ତ ଏକ ଅନୁଭବ |"

- ଆଲିସ୍ ବୋନର୍, ସ୍ୱିସ୍ ଐତିହାସିକ

୪. **<u>ବିଶ୍ୱ ଗୁରୁ</u>** - "ଭାରତ ଛଡା ଅନ୍ୟ କେଉଁଠି ମୁନି ଋଷି ପାଇବି, ଯେଉଁ ମାନଙ୍କର ଦର୍ଶନ ଶାସ୍ତ୍ର ପ୍ଲାଟୋ, ଥାଲେସ୍ ଏବଂ ପାଇଥାଗୋରସ୍ କୁଂ ପ୍ରଭାବିତ କରିଥିଲା; କେଉଁଠି ଜ୍ୟୋତିର୍ବିଜ୍ଞାନୀ ପାଇବି, ଯାହାର ଗ୍ରହ ଉପଗ୍ରହ ବିଷୟରେ ଜ୍ଞାନ ୟୁରୋପରେ ବିସ୍ମୟ ଷୃସ୍ଟି କରିଛି; ସ୍ଥପତି କେଉଁଠି ପାଇବି, ଯାହାର କାର୍ଯ୍ୟ ପ୍ରଶଂସନିୟ; ଏବଂ ସଂଗୀତଜ୍ଞ, ଯେଉଁମାନେ ସ୍ୱର ଏବଂ ଶୈଳୀ ପରିବର୍ତନ କରି ମନକୁ ଆନନ୍ଦରୁ ଦୁଃଖ ପର୍ଯ୍ୟନ୍ତ, କାନ୍ଦରୁ ହସ ପର୍ଯ୍ୟନ୍ତ ନେବାରେ ସକ୍ଷମ ହୁଅନ୍ତି |"

- କର୍ଣ୍ଣେଲ ଜେମ୍ସ ଟଡ (ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ)